# ଭାରତୀୟ ନ୍ୟାୟପାଳିକା ମହାଭିଯୋଗ ପ୍ରସ୍ତାବର ଏ ପାଖ, ସେ ପାଖ

**ବୀରେନ୍ଦ୍ର ନାୟକ**

୨୦୧୮-ବର୍ଷ ଆରମ୍ଭରୁ ଗଣମାଧ୍ୟମରେ ସର୍ବୋଚ୍ଚ ନ୍ୟାୟାଳୟ ଏକ ଚର୍ଚ୍ଚାର ବିଷୟ ହୋଇଛି । ୧୨ ଜାନୁଆରୀ ଦିନ ବରିଷ୍ଠତମ ଚାରିଜଣ ବିଚାରପତି ମାନ୍ୟବର ଜେ ଚେଲମେଶ୍ୱର, ରଂଜନ ଗୋଗୋଇ, ମଦନ ଲୋକୁର ଓ କୁରିଆନ ଜୋସେଫ, ଗଣମାଧ୍ୟମ ସାମ୍ନାକୁ ଆସି ସେମାନଙ୍କର ବକ୍ତବ୍ୟ ରଖିବା ଦିନ ଠାରୁ ହିଁ ଚର୍ଚ୍ଚା ଜୋର ଧରିଛି । ଏହି ଚର୍ଚ୍ଚାର କେନ୍ଦ୍ରରେ ରହି ଆସିଛନ୍ତି ମୁଖ୍ୟବିଚାରପତି ମାନ୍ୟବର ଦୀପକ ମିଶ୍ର । କିନ୍ତୁ ଯାହା ସବୁଠାରୁ ସମ୍ବେଦନଶୀଳ ହୋଇଛି ତାହା ହେଉଛି ମାନ୍ୟବର ମିଶ୍ରଙ୍କ ବିରୋଧରେ ମହାଭିଯୋଗର ପ୍ରସ୍ତାବ । ଅବଶ୍ୟ ୧୨ତାରିଖ ବିଚାରପତିମାନଙ୍କର ସାମ୍ବାଦିକ ସମ୍ମିଳନୀରେ ହିଁ ମାନ୍ୟବର ମୁଖ୍ୟବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବର ସମ୍ଭାବନାକୁ ନେଇ କରାଯାଇଥିଲା ପ୍ରଶ୍ନ ଯାହାର ଉ ରରେ ସେମାନେ କହିଥିଲେଂ, "ରାଷ୍ଟ୍ର ତାର ନିଷ୍ପ ି ନେଉ ।" ତେବେ ମହାଭିଯୋଗ ପ୍ରସ୍ତାବ ଆସିଲା ପରେ ପ୍ରତିକ୍ରିୟାରେ ମାନ୍ୟବର ବିଚାରପତି ଚେଲମେଶ୍ୱର କୁହନ୍ତି², "ମୁଁ ଜାଣେ ନା କାହିଁକି ରାଷ୍ଟ୍ର ମହାଭିଯୋଗକୁ ନେଇ ଘାରି (obsessed) ହେଉଛି । ମହାଭିଯୋଗ ସବୁ ସମସ୍ୟାର ସମାଧାନ ନୁହେଁ । ଅନ୍ୟ କିଛି ପ୍ରକ୍ରିୟାର ଆବଶ୍ୟକତା ଅଛି ଯାହା ଏହି ସମସ୍ୟାଗୁଡ଼ିକର ସମାଧାନ ଦିଗରେ ବ୍ୟବହାର କରାଯାଇପାରିବ ।"

ତେବେ ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ ହେବା ଭାରତର ନ୍ୟାୟପାଳିକାର ଇତିହାସରେ ହେଉଛି ପ୍ରଥମ ଘଟଣା । ଯେହେତୁ ମୁଖ୍ୟବିଚାରପତି ମହୋଦୟ ହେଉଛନ୍ତି ଜଣେ ଓଡ଼ିଆ, ଓଡ଼ିଶା ହାଇକୋର୍ଟରୁ ହିଁ ତାଙ୍କର ଓକିଲାତି ଓ ପରେ ବିଚାରପତି ଜୀବନ ଆରମ୍ଭ ହୋଇଛି, ତେଣୁ ଓଡ଼ିଶାରେ ଏହି ମହାଭିଯୋଗ ପ୍ରସ୍ତାବ ବିରୋଧରେ ଓଡ଼ିଶାର ଓକିଲ ସମ୍ପ୍ରଦାୟ ଓ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି³ । ଏହା ଏକ ଅପୂର୍ବ ସଂଯୋଗ ଯେ ଭାରତର ନ୍ୟାୟପାଳିକା ଇତିହାସରେ ପ୍ରଥମ ଥର ଯେଉଁ ମହାଭିଯୋଗ ପ୍ରସ୍ତାବ ଜଣେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭି. ରାମାସ୍ୱାମୀଙ୍କ ବିରୋଧରେ ଆସିଥିଲା ଓ ବାଚସ୍ପତିଙ୍କ ଦ୍ୱାରା ସ୍ୱୀକୃତି ପାଇଥିଲା (ମାର୍ଚ୍ଚ ୧୨, ୧୯୯୧), ସେ ବାଚସ୍ପତି ଥିଲେ ଜଣେ ଓଡ଼ିଆ, ମାନ୍ୟବର ରବି ରାୟ ଓ ସେ ସମୟରେ ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟବିଚାରପତି ଥିଲେ ମାନ୍ୟବର ରଙ୍ଗନାଥ ମିଶ୍ର (୨୫ ସେପ୍ଟେମ୍ବର ୧୯୯୦ରୁ ୨୪ ନଭେମ୍ବର ୧୯୯୧), ମାନ୍ୟବର ଦୀପକ ମିଶ୍ରଙ୍କର କକେଇ । କିନ୍ତୁ ମାନ୍ୟବର ମୁଖ୍ୟବିଚାରପତି ଦୀପକ ମିଶ୍ରଙ୍କ ବିରୋଧରେ ଆସିଥିବା ୬୪ଜଣ ରାଜ୍ୟସଭାର ସଭ୍ୟଙ୍କ ସ୍ୱାକ୍ଷରିତ ମହାଭିଯୋଗ ପ୍ରସ୍ତାବ ରାଜ୍ୟସଭା ଅଧ୍ୟକ୍ଷ ମାନ୍ୟବର ଭେଙ୍କୟା ନାଇଡୁଙ୍କ ଦ୍ୱାରା ଗ୍ରହଣୀୟ ହୋଇନାହିଁ । ଏହି ଅଠେଇଶ ବର୍ଷର ବ୍ୟବଧାନ ଭିତରେ ଯଦିଓ ସର୍ବୋଚ୍ଚନ୍ୟାୟାଳୟର କୌଣସି ବିଚାରପତିଙ୍କ ବିରୋଧରେ ଆଉ ମହାଭିଯୋଗ ପ୍ରସ୍ତାବ ଆଗତ ହୋଇନାହିଁ, ତେବେ ଉଚ୍ଚନ୍ୟାୟାଳୟଗୁଡ଼ିକର କେତେକ ବିଚାରପତିଙ୍କ (ଯେପରି କଲିକତା ହାଇକୋର୍ଟର ସୌମିତ୍ର ସେନ, କର୍ଣ୍ଣାଟକ ହାଇକୋର୍ଟର ମୁଖ୍ୟବିଚାରପତି ପି. ଡି. ଦିନାକରନ, ଗୁଜୁରାଟ ହାଇକୋର୍ଟର ବିଚାରପତି ଜେ ବି ପାର୍ଡିୱାଲା, ମଧ୍ୟପ୍ରଦେଶ ହାଇକୋର୍ଟର ବିଚାରପତି ଏସ୍ କେ ଗାଂଗିଲେ) ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ ହୋଇଛି ଓ ଏଗୁଡ଼ିକ ସବୁ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ପାଖରେ ହିଁ ଦାଖଲ ହୋଇଛି । ଏବଂ ଏହା ବୋଧହୁଏ ଏକ ସଂଯୋଗ ଯେ ସେତେବେଳେ ଅଧକ୍ଷ ହେଉଛନ୍ତି ମାନ୍ୟବର ହମିଦ୍ ଅନ୍ସାରୀ ଓ ତାଙ୍କ ଠାରେ ଦାଖଲ ହୋଇଥିବା କୌଣସି ମହାଭିଯୋଗ ପ୍ରସ୍ତାବକୁ ଅଗ୍ରାହ୍ୟ କରିନାହାନ୍ତି । ଏହା ତ ଭିନ୍ନ କଥା ଯେ ଅଧ୍ୟକ୍ଷଙ୍କ ସ୍ୱୀକୃତି ପାଇବାପରେ ଆଇନାନୁସାରେ ନିଯୁକ୍ତ ତଦନ୍ତ କମିଟି ଅଭିଯୋଗକୁ ଖାରିଜ କରି ବିଚାରପତି ମହୋଦୟଙ୍କୁ କେଉଁଠି ନିର୍ଦ୍ଦୋଷ କହିଛି, ଯେପରି ମଧ୍ୟପ୍ରଦେଶ ହାଇକୋର୍ଟର ବିଚାରପତି ଏସ୍ କେ ଗାଂଗିଲେ ବା ଯେଉଁଠି ଦୋଷୀ ବୋଲି ତଦନ୍ତ କମିଟି ପାଇଛି ସେଠି ମହାଭିଯୋଗ ପ୍ରସ୍ତାବ ସଂସଦ ଗୃହରେ ଆଲୋଚନା ହେବା ପୂର୍ବରୁ ଅଭିଯୁକ୍ତ ବିଚାରପତିମାନେ ସେମାନଙ୍କର ପଦବୀରୁ ଇସ୍ତଫା ଦେଇଛନ୍ତି, ଯେପରି କର୍ଣ୍ଣାଟକ ହାଇକୋର୍ଟର ମୁଖ୍ୟବିଚାରପତି ପି ଡି ଦିନାକରନ । ଏହି ପୃଷ୍ଠଭୂମିରେ ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟବିଚାରପତିଙ୍କ

ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ ହେବା ଯେପରି ଅଭୂତପୂର୍ବ, ସେହିଭଳି ଅଭୂତପୂର୍ବ ହେଉଛି ଏହି ପ୍ରସ୍ତାବ ରାଜ୍ୟସଭା ଅଧ୍ୟକ୍ଷଙ୍କ ଦ୍ୱାରା ଅଗ୍ରାହ୍ୟ ହେବା ।

***<u>ବିଚାରପତି ପଦଚ୍ୟୁତ ଆଇନ</u>***

ଆଇନ ଅନୁସାରେ (ଧାରା ୩,THE JUDGES (INQUIRY) ACT, 1968 ( 51 OF 1968 )) ରାଜ୍ୟସଭାର ୫୦ଜଣ ସଭ୍ୟ ବା ଲୋକସଭାର ୧୦୦ଜଣ ସଭ୍ୟ ଜଣେ ଉଚ୍ଚ ବା ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରିପାରିବେ । ଯଦି ଆବେଦନକାରୀମାନେ ରାଜ୍ୟସଭା ସଦସ୍ୟ ହୋଇଥାନ୍ତି, ତାହାହେଲେ ରାଜ୍ୟସଭା ଅଧ୍ୟକ୍ଷ ଓ ଯଦି ଲୋକସଭା ସଦସ୍ୟ ହୋଇଥାନ୍ତି ତାହାହେଲେ ଲୋକସଭାର ବାଚସ୍ପତି ଏହି ପ୍ରସ୍ତାବକୁ ଗ୍ରହଣ କରିବେ କି ନାହିଁ ତାହା ଉପରେ ବିଚାର କରିବେ । ଏହାକୁ ଗ୍ରହଣ କରିପାରନ୍ତି ଅବା ଅଗ୍ରାହ୍ୟ କରିପାରନ୍ତି । ଯଦି ଗ୍ରହଣ କରନ୍ତି ତାହାହେଲେ ସର୍ବୋଚ୍ଚ ନ୍ୟାୟାଳୟର ଜଣେ ବିଚାରପତି, ଉଚ୍ଚନ୍ୟାୟାଳୟର ଜଣେ ବିଚାରପତି ତଥା ଜଣେ ଖ୍ୟାତିସମ୍ପନ୍ନ ଆଇନଜ୍ଞଙ୍କୁ ନେଇ ଏକ କମିଟି ଗଠନ କରିବେ ଓ ଆଗତ ଅଭିଯୋଗଗୁଡ଼ିକର ପ୍ରାମାଣିକତା ପରୀକ୍ଷା କରାଇବେ । ଯଦି ଏହି କମିଟି ଅଭିଯୋଗଗୁଡିକ ଯଥାର୍ଥ ବୋଲି ମତ ଦିଅନ୍ତି, ତାହାହେଲେ ସଂସଦରେ ଏହି ପ୍ରସ୍ତାବକୁ ଆଗତ କରାଯିବ ଓ ସମ୍ବିଧାନର ଧାରା ୧୨୪(୪) ଅନୁସାରେ ଯଦି ଏହି ପ୍ରସ୍ତାବ ସମର୍ଥନ ପାଏ ତାହାହେଲେ ମାନ୍ୟବର ରାଷ୍ଟ୍ରପତି ବିଚାରପତି ମହୋଦୟଙ୍କୁ ଦୁଇଟି କାରଣ ଭି ିରେ, ଯଥା ପ୍ରମାଣିତ (proved) ଅପବ୍ୟବହାର (misbehavior) ଓ ଅଯୋଗ୍ୟତା (incapacity), ପଦଚ୍ୟୁତ ହେବାର ନିର୍ଦ୍ଦେଶନାମା ଜାରି କରିବେ । କହିବା ବାହୁଲ୍ୟ, ଲୋକସଭାର ବାଚସ୍ପତି ବା ରାଜ୍ୟସଭା ଅଧ୍ୟକ୍ଷଙ୍କର ଭୂମିକା ହିଁ ନିର୍ଣ୍ଣାୟକ ଅଟେ; ଏହି ସ୍ତରରେ ଅର୍ଥାତ୍ ପ୍ରାଥମିକ ଅବସ୍ଥାରେ ଯଦି ପ୍ରସ୍ତାବ ଅଗ୍ରାହ୍ୟ ହୋଇଯାଏ, ତାହାହେଲେ ତଦନ୍ତ କମିଟି ବସାଇ ଅଭିଯୋଗର ପ୍ରାମାଣିକତା ନିର୍ଦ୍ଧାରଣର ବାଟ ବନ୍ଦ ହୋଇଯାଏ ।

***<u>ସଂସଦରେ ମହାଭିଯୋଗ ପ୍ରସ୍ତାବର ଆଲୋଚନା</u>***

ତେବେ ସଂସଦରେ ଆଲୋଚନା ସ୍ତରକୁ ଏଯାବତ୍ ଯାଇଛି କେବଳ ଦୁଇଟି ମାତ୍ର ମହାଭିଯୋଗ ପ୍ରସ୍ତାବ, ସୁପ୍ରିମକୋର୍ଟ ବିଚାରପତି ଭି. ରାମାସ୍ୱାମୀ ଓ କଲିକତା ଉଚ୍ଚନ୍ୟାୟଳୟର ବିଚାରପତି ସୌମିତ୍ର ସେନଙ୍କ ବିରୋଧରେ, ଯଦିଓ ଏମାନଙ୍କୁ ସେମାନଙ୍କ ପଦବୀରୁ ବରଖାସ୍ତ କରିବା ସମ୍ଭବ ହୋଇନାହିଁ । ଭି ରାମାସ୍ୱାମୀଙ୍କ କ୍ଷେତ୍ରରେ ମହାଭିଯୋଗ ପ୍ରସ୍ତାବକୁ ୧୦ ମଇ ୧୯୯୩ ଦିନ ଲୋକସଭାରେ ଉପସ୍ଥିତ ଆବଶ୍ୟକୀୟ ଦୁଇତୃତୀୟାଂଶ ସଭ୍ୟଙ୍କର ସମର୍ଥନ ମିଳିଲା ନାହିଁ , ୪୦୧ ଉପସ୍ଥିତ ସଭ୍ୟ ମଧ୍ୟରୁ ୧୯୬ ସଦସ୍ୟ ମହାଭିଯୋଗ ସପକ୍ଷରେ ଭୋଟ ଦେଲା ବେଳେ, କେହି ବିରୋଧରେ ଭୋଟ ଦେଇ ନ ଥିଲେ ଯଦିଓ କଂଗ୍ରେସ ଦଳ ଓ ଆଉ କେତେକ ଦଳର ମୋଟ ୨୦୫ ସଭ୍ୟ ଭୋଟଦେବାରୁ ନିଜକୁ ଦୂରେଇ ରଖିଲେ । ସୌମିତ୍ର ସେନଙ୍କ କ୍ଷେତ୍ରରେ ରାଜ୍ୟସଭାରେ ମହାଭିଯୋଗ ପ୍ରସ୍ତାବକୁ ସମର୍ଥନ ମିଳିବା ପରେ ଓ ଲୋକସଭାରେ ଏହି ପ୍ରସ୍ତାବ ଆଗତ ହେବା ପୂର୍ବରୁ ସେନ ମହାଶୟ ନିଜ ପଦବୀରୁ ଇସ୍ତଫା ଦେଇଦେଲେ । କହିବା ବାହୁଲ୍ୟ ଯେ ମହାଭିଯୋଗ ପ୍ରସ୍ତାବ ଆଗତ କରାଯାଇ କୌଣସି ବିଚାରପତିଙ୍କୁ ବରଖାସ୍ତ କରିବା ସମ୍ଭବ ହୋଇନାହିଁ ।

***<u>ମହାଭିଯୋଗ ପ୍ରସ୍ତାବ ଏକ ରାଜନୈତିକ ପ୍ରକ୍ରିୟା</u>***

ବିଚାରପତିଙ୍କୁ ପଦଚ୍ୟୁତ କରିବା ପାଇଁ ମହାଭିଯୋଗ ପ୍ରସ୍ତାବ ଆଗତ ହେବା ଏକ ରାଜନୈତିକ ପ୍ରକ୍ରିୟା । ଭି. ରାମାସ୍ୱାମୀଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରିଥିଲେ ଭାରତୀୟ ଜନତା ପାର୍ଟି ଓ ବାମଦଳର ଲୋକସଭା ସଦସ୍ୟମାନେ । ଲୋକସଭାରେ ଏହା ଉପରେ ଯେତେବେଳେ ଆଲୋଚନା ହେଲା ସେତେବେଳେ ଏହି ପ୍ରସ୍ତାବ ଉପରେ ଭୋଟ ଦେବାରୁ ନିବୃ  ରହିଥିଲେ କଂଗ୍ରେସଦଳର ସଭ୍ୟମାନେ । ଅଥଚ ମାନ୍ୟବର ଦୀପକ ମିଶ୍ରଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରିବାରେ କଂଗ୍ରେସ ଦଳ ନେତୃତ୍ୱ ନେଇଛନ୍ତି, ଦଳର ରାଜ୍ୟସଭା ସଦସ୍ୟ ବରିଷ୍ଠ ଅଧିବକ୍ତା କପିଲ ସିବଲ ମହୋଦୟ ସବୁଠାରୁ ହୋଇଛନ୍ତି ମୁଖର । ଏହି କପିଳ ସିବଲ ତତ୍କାଳୀନ ଲୋକସଭା ବାଚସ୍ପତି ମାନ୍ୟବର ରବି ରାୟ ରାମାସ୍ୱାମୀଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବକୁ ଗ୍ରହଣ କରିବା ଆଇନସମ୍ମତ ନୁହେଁ ବୋଲି ଅଦାଲତରେ ଯୁକ୍ତି କରିଥିବା ବେଳେ[୪], ରାଜ୍ୟସଭା ଅଧ୍ୟକ୍ଷ ମାନ୍ୟବର ଭେଙ୍କେୟାନାଇଡୁ ମାନ୍ୟବର ଦୀପକ ମିଶ୍ରଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବକୁ ଗ୍ରହଣ ନ କରିବାକୁ ଅସାମ୍ବିଧାନିକ ବୋଲି ଅଭିଯୋଗ କରନ୍ତି[୫] ଓ ଏହି ନିଷ୍ପ ି ବିରୋଧରେ ଅଦାଲତର ଦ୍ୱାରସ୍ଥ ହେବେ ବୋଲି ଇଂଗିତ କରନ୍ତି[୬] । କିନ୍ତୁ ଭାରତୀୟ ଜନତା ପାର୍ଟି ଏହି ନିଷ୍ପ ିକୁ ସ୍ୱାଗତ କରିଛି[୭] । ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କେଉଁଠି କୁହନ୍ତି ଯେ ମହାଭିଯୋଗକୁ ଏକ ରାଜନୈତିକ ଅସ୍ତ୍ର ଭାବେ କଂଗ୍ରେସ ବ୍ୟବହାର କରୁଛି  ତ ଆଉ

କେଉଁଠି କୁହନ୍ତି[9] ମହାଭିଯୋଗ ପ୍ରସ୍ତାବ ଆଗତ ପଛରେ କଂଗ୍ରେସ ଦଳର ଉଦ୍ଦେଶ୍ୟ ହେଉଛି ଭାରତୀୟ ନ୍ୟାୟପାଳିକାକୁ ଡରାଇବା । (It's object was not the passage of the Motion but intimidation of India's judiciary)। ଅଥଚ ବିରୋଧୀ ଦଳରେ ଥିବା ବେଳେ ଅରୁଣ ଜେଟ୍‌ଲୀ ସୌମିତ୍ର ସେନଙ୍କ ବିରୋଧରେ ଆସିଥିବା ମହାଭିଯୋଗ ପ୍ରସ୍ତାବ ସମର୍ଥନରେ ଦେଇଥିଲେ ଓଜସ୍ୱିନୀ ଭାଷଣ[10] ।

***<u>ବରିଷ୍ଠ ଅଧିବକ୍ତାଙ୍କ ଭୂମିକା</u>***

ପ୍ରଖ୍ୟାତ ବର୍ଷିୟାନ ଅଧିବକ୍ତା ସୋଲି ସୋରାବଜୀ[11] ଓ ଫଲୀ ନରିମାନ[12] ମାନ୍ୟବର ଦୀପକ ମିଶ୍ରଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବକୁ ନାପସନ୍ଦ କରିଥିବା ଓ ଏହାକୁ ରାଜ୍ୟସଭା ଅଧ୍ୟକ୍ଷ ସ୍ୱୀକୃତି ନଦେବାକୁ ଯଥାର୍ଥ କହିଥିବା ବେଳେ, ଭି. ରାମାସ୍ୱାମୀ ଓ ସୌମିତ୍ର ସେନଙ୍କ ବିରୋଧରେ ଆସିଥିବା ମହାଭିଯୋଗ ପ୍ରସ୍ତାବରେ ସେମାନଙ୍କର ଭୂମିକାକୁ ସ୍ମରଣ କରାଯାଇପାରେ । ଭି.ରାମାସ୍ୱାମୀଙ୍କ ବିରୋଧରେ ଆସିଥିବା ଆର୍ଥିକ ଅନିୟମିତତାର ଗଣମାଧ୍ୟମରେ ସମ୍ବାଦକୁ ତତ୍କାଳୀନ ମୁଖ୍ୟ ବିଚାରପତିଙ୍କ ଦୃଷ୍ଟିକୁ ଆଣି ଯେଉଁମାନେ ସେମାନଙ୍କର ଉଦ୍‌ବିଗ୍ନତା ପ୍ରକାଶ କରିଥିଲେ[13], ସେମାନଙ୍କ ମଧ୍ୟରେ ଥିଲେ ସୋଲି ସୋରାବଜୀ, ତତ୍କାଳୀନ ଆଟର୍ଣ୍ଣି ଜେନେରାଲ ଓ ସୁପ୍ରିମକୋର୍ଟ ବାର ଆସୋସିଏସନ ପ୍ରେସିଡେ   କେ କେ ବେଣୁଗୋପାଳ । ଏହି ଆର୍ଥିକ ଅନିୟମିତତା ହିଁ ହୋଇଥିଲା ପରବ ର୍ତ୍ତୀ ମହାଭିଯୋଗ ପ୍ରସ୍ତାବର ଭୂମି । ଫଲି ନରିମାନ ଭି. ରାମାସ୍ୱାମୀଙ୍କ ବିରୋଧରେ ଆଗତ ମହାଭିଯୋଗକୁ ତଦନ୍ତ କରୁଥିବା ସାଓ୍ୱନ୍ତ କମିଟିକୁ ପ୍ରାଥମିକ ଅବସ୍ଥାରେ ସହଯୋଗ କରୁଥିଲେ[13] । ("At the initial stage, the Committee secured the services of Mr. F.S. Nariman, Senior Advocate, SupremeCourt, to assist the Committee.") ଓ ଏହି ତଦନ୍ତ କମିଟିକୁ 'ଏମ୍ କ୍ରିଷ୍ଣାସ୍ୱାମୀ ବନାମ ଭାରତ ସରକାର' ମାମଲାରେ ପ୍ରତିଧିନିତ୍ୱ କରୁଥିଲେ[4] । ସୌମିତ୍ର ସେନଙ୍କ ବିରୋଧରେ ଆସିଥିବା ମହାଭିଯୋଗର ତଦନ୍ତ ପାଇଁ ଗଠିତ କମିଟିରେ ମଧ୍ୟ ଫଲି ନରିମାନ ସଭ୍ୟ ଥିଲେ ଯେଉଁ କମିଟିର ଅଧ୍ୟକ୍ଷ ଥିଲେ ତତ୍କାଳୀନ ସୁପ୍ରିମକୋର୍ଟର ବିଚାରପତି ବି.ସୁଦର୍ଶନ ରେଡ୍ଡୀ ଓ ଅନ୍ୟ ସଭ୍ୟ ଥିଲେ ପଂଜାବ ଓ ହରିୟାନା ଉଚ୍ଚନ୍ୟାୟାଳୟର ତତ୍କାଳୀନ ମୁଖ୍ୟବିଚାରପତି ମୁକୁଲ ମୁଦ୍‌ଗଲ ।

***<u>ମହାଭିଯୋଗ ପ୍ରସ୍ତାବ ଅଗ୍ରାହ୍ୟ ହେବାର ଯଥାର୍ଥତା</u>***

ମୁଖ୍ୟବିଚାରପତି ମାନ୍ୟବର ଦୀପକ ମିଶ୍ରଙ୍କ ବିରୋଧରେ ଆସିଥିବା ମହାଭିଯୋଗ ପ୍ରସ୍ତାବ ରାଜ୍ୟସଭା ଅଧ୍ୟକ୍ଷଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଗଲା ପରେ ସେ ଅଭିଯୋଗର ତଦନ୍ତ ପାଇଁ କୌଣସି କମିଟି ଗଠନ ହେବାର ସମ୍ଭାବନା ଆଉ ନାହିଁ । ଏହି ତଦନ୍ତ ପ୍ରସଙ୍ଗରେ, ଅଧ୍ୟକ୍ଷଙ୍କ ଅଗ୍ରାହ୍ୟ ନିଷ୍ପ ିକୁ ଯଥାର୍ଥ ଅଭିହିତ କରିଥିବା ଫଲି ନରିମାନ କୁହନ୍ତି[12], "ମୁଖ୍ୟ ବିଚାରପତି ଏମିତି ବି ଏହିବର୍ଷ ଅକ୍ଟୋବର-ନଭେମ୍ବରରେ ନିଜ ପଦରୁ ଅବସର ନେଉଛନ୍ତି । ଏହି ପ୍ରସଙ୍ଗ ଯେ ସେ ସମୟ ଭିତରେ ସରିବ ଏହାର ସମ୍ଭାବନା ବେଶ୍ କମ୍ । ମୁଁ ବୁଝି ପାରନ୍ତି ଯଦି ସେ ନିଜ ପଦରେ ଆଉ ଚାରି-ପାଂଚ ବର୍ଷ ରହୁଥାନ୍ତେ ଓ ତୁମେ ଏହି ଯୁକ୍ତି କରନ୍ତ । ବ ର୍ମାନ କରିବାର କୌଣସି ମାନେ ହୁଏନାହିଁ ।" ଅବଶ୍ୟ ସେ ମଧ୍ୟ କୁହନ୍ତି, "ସେ (ନାଇଡୁ) ହେଉଛନ୍ତି ଏହି ନିଷ୍ପ ି ନେବା ପାଇଁ ଏକମାତ୍ର ବୈଧାନିକ କ ର୍ତୃପକ୍ଷ (statutory authority) ଓ ମୋ ଦୃଷ୍ଟିରେ ସେ ଏହି ନିଷ୍ପ ି ନେବା ଠିକ ହୋଇଛି । ମହାଭିଯୋଗ ପ୍ରସ୍ତାବରେ ଯେଉଁ ବିଷୟଗୁଡ଼ିକର ଉତ୍‌ଥାପନ ହୋଇଛି ସେ ଗୁଡିକ ଯଥେଷ୍ଟ ଗମ୍ଭୀର ନୁହନ୍ତି । ଯେତେବେଳେ ତୁମେ ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟବିଚାରପତିଙ୍କ ଭଳି ଜଣେ ବ୍ୟକ୍ତି ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ଆଣୁଛ ସେତେବେଳେ ଏଥିରେ ବିଶେଷ ଗୁରୁତ୍ୱପୂର୍ଣ୍ଣ କିଛି ରହିବା ଦରକାର, ଏହା ସେ କରିଛନ୍ତି ବା ଏହା କରିନାହାନ୍ତି -ଏପରି ନୁହେଁ । ଉପରାଷ୍ଟ୍ରପତି ହେଉଛନ୍ତି ବୈଧାନିକ କ ର୍ତୃପକ୍ଷ ଓ ସେ ଠିକ କରିଛନ୍ତି ପ୍ରସ୍ତାବଟିକୁ ପ୍ରତ୍ୟାଖାନ କରି ।" ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ମଧ୍ୟ ଏହି ମହାଭିଯୋଗ ପ୍ରସ୍ତାବକୁ "poorly drafted" ବା ଅତି ନିମ୍ନମାନର ଲିଖିତ ବୋଲି ଅଭିହିତ କରନ୍ତି[14] ।

***<u>ଅଗ୍ରାହ୍ୟ ନିଷ୍ପ ି ପୂର୍ବରୁ ପରାମର୍ଶ</u>***

ଅଧକ୍ଷ ମହାଶୟ ଏହି ମହାଭିଯୋଗ ପ୍ରସ୍ତାବକୁ ଅଗ୍ରାହ୍ୟ କରିବା ପୂର୍ବରୁ ସେ ବହୁ ଆଇନ ଓ ସମ୍ବିଧାନ ବିଶେଷଜ୍ଞଙ୍କୁ ପରାମର୍ଶ କରିଛନ୍ତି ବୋଲି ଦାବି କରନ୍ତି ଓ ଯାହା THE JUDGES (INQUIRY) ACT, 1968 ( 51 OF 1968 ର ଧାରା ୩(୧)(ବି) ସମ୍ମତ । ସେ ତାଙ୍କ ରାୟର ସପ୍ତମ ଅନୁଚ୍ଛେଦରେ ଲେଖନ୍ତି[15], "ମୁଁ ଆଇନଜ୍ଞ, ସମ୍ବିଧାନ ବିଶେଷଜ୍ଞ, ଉଭୟ ଗୃହର ପୂର୍ବତନ ମହାସଚିବ, ପୂର୍ବତନ ଆଇନ ବିଭାଗର ଅଧିକାରୀ, ବିଧି କମିଶନ ସଭ୍ୟ ଓ ପ୍ରତିଷ୍ଠିତ ବିଧି ବିଶାରଦଙ୍କ ସହ ପରାମର୍ଶ କରିବା ଉଚିତ ବୋଲି ଭାବିଲି ଓ ସେମାନେ ମଧ୍ୟ ସେମାନଙ୍କର ଦୀର୍ଘ ଓ ମହାର୍ଘ ଅଭିଜ୍ଞତା ଉପରେ ପର୍ଯ୍ୟବସିତ ଅନ୍ତର୍ଦୃଷ୍ଟିକୁ ଉଦାରତାର ସହ ମୋତେ ଅବଗତ କରାଇଲେ ।" ଅଷ୍ଟମ

ଅନୁଚ୍ଛେଦରେ ଲେଖନ୍ତି, "ମୁଁ ମଧ୍ୟ ପୂର୍ବତନ ଆଟର୍ଣ୍ଣି ଜେନେରାଲ, ସମ୍ବିଧାନ ବିଶେଷଜ୍ଞ ଓ ପ୍ରତିଷ୍ଠିତ ଖବରକାଗଜ ଗୁଡିକର ସମ୍ପାଦକମାନଙ୍କର ମନ୍ତବ୍ୟର ଅଧ୍ୟୟନ କଲି ଯେଉଁମାନେ ପ୍ରାୟ ଏକ ସ୍ୱରରେ ଗୋଟିଏ ମତ ହିଁ ପୋଷଣ କରୁଥିଲେ ଯେ ମୋ ନିକଟରେ ଉପସ୍ଥାପିତ ମହାଭିଯୋଗ ପ୍ରସ୍ତାବ ଯଥାର୍ଥ ନୁହେଁ ବିଚାରପତିଙ୍କୁ ପଦଚ୍ୟୁତ କରିବା ପାଇଁ ।" ଯେଉଁମାନଙ୍କୁ ସେ ପରାମର୍ଶ କରିଥିଲେ ବୋଲି ଗଣମାଧ୍ୟମରୁ ସୂଚନା ମିଳେ, ସେମାନେ ହେଉଛନ୍ତି କେ କେ ବେଣୁଗୋପାଳ, ବର୍ତ୍ତମାନର ଆଟର୍ଣ୍ଣି ଜେନେରାଲ, ପୂର୍ବତନ ଆଟର୍ଣ୍ଣିଜେନେରାଲ କେ ପରାଶରନ, ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ବି ସୁଦର୍ଶନ ରେଡ୍ଡୀ, ଲୋକସଭାର ଭୂତପୂର୍ବ ମହାସଚିବ ସୁଭାଷ କାଶ୍ୟପ, ପୂର୍ବତନ ଆଇନ ସଚିବ ପି କେ ମାଲହୋତ୍ରା ଓ ରାଜ୍ୟସଭା ସଚିବାଳୟର କେତେକ ବରିଷ୍ଠ ଅଧିକାରୀ । କହିବା ବାହୁଲ୍ୟ ଯେ ଏହି ବ୍ୟକ୍ତିମାନେ ଅତି ନିକଟରୁ ମହାଭିଯୋଗ ପ୍ରସ୍ତାବର ଗତିପଥକୁ ଲକ୍ଷ୍ୟ କରିବାର ସୁଯୋଗ ପାଇଛନ୍ତି । ମାନ୍ୟବର ଭି.ରାମାସ୍ୱାମୀଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବର ମୂଳରେ ତାଙ୍କର ଯେଉଁ ଆର୍ଥିକ ଅନିୟମିତତାର ଉଲ୍ଲେଖ ହୋଇଥିଲା ତାହାକୁ ପ୍ରଥମେ କେ କେ ବେଣୁଗୋପାଳ, କେ ପରାଶରନ ଓ ସୋଲିସୋରାବଜୀ ହିଁ ତତ୍କାଳୀନ ପ୍ରଧାନବିଚାରପତି ସବ୍ୟସାଚୀ ମୁଖର୍ଜୀଙ୍କ ଦୃଷ୍ଟିକୁ ଆଣିଥିଲେ । ସେହିଭଳି ମାନ୍ୟବର ବି ସୁଦର୍ଶନ ରେଡ୍ଡୀ ଥିଲେ ସୌମିତ୍ର ସେନଙ୍କ ବିରୋଧରେ ହୋଇଥିବା ମହାଭିଯୋଗ ପ୍ରସ୍ତାବରେ ଉଲ୍ଲିଖିତ ଅଭିଯୋଗଗୁଡିକର ତଦନ୍ତ ପାଇଁ ନିଯୁକ୍ତ କମିଟିର ଅଧ୍ୟକ୍ଷ । ସୁଭାଷ କାଶ୍ୟପ ଯଦି ୯ମ ଲୋକସଭାର ମହାସଚିବ ଭାବେ ଆଉ ୬ମାସ କାର୍ଯ୍ୟରତ ରହିଥାନ୍ତେ (କାଶ୍ୟପ ଅବସର ନେଲେ ୨୦ ଅଗଷ୍ଟ ୧୯୯୦ ଓ ମହାଭିଯୋଗ ପ୍ରସ୍ତାବ ବାଚସ୍ପତିଙ୍କ ନିକଟରେ ଦାଖଲ ହେଲା ୨୭ ଫେବୃଆରୀ ୧୯୯୧) ତାହାହେଲେ ସେ ମଧ୍ୟ ଭି ରାମାସ୍ୱାମୀଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବର ପ୍ରତ୍ୟକ୍ଷ ଅନୁଭୂତି ପାଇଥାନ୍ତେ । ଅବଶ୍ୟ ୧୯୯୨ରେ ସୁଭାଷ କାଶ୍ୟପଙ୍କ ଦୃଷ୍ଟିରେ[୬] ନବମ ଲୋକସଭା ଥିଲା ସଂସଦୀୟ ଇତିହାସରେ ଏକ ଅନ୍ଧକାରମୟ ଯୁଗ (go down in the history of parliament as thedarkest period.) ଓ ସେ ଆଶ୍ୱସ୍ତ ହୋଇଥିଲେ ଯେ ଏହା ମଧ୍ୟ ସଂସଦୀୟ ଇତିହାସରେ ଥିଲା ସବୁଠାର ସ୍ୱଳ୍ପ ଅବଧିର (Fortunately,the ninth LokSabha's tenure was the briefest in India's parliamentary history.") । ଏହା ଉଲ୍ଲେଖ କରିଦେବା ଅନ୍ୟଥା ହେବ ନାହିଁ ଯେ ନବମ ଲୋକସଭାର ବାଚସ୍ପତି ମାନ୍ୟବର ରବି ରାୟ ସୁଭାଷ କାଶ୍ୟପଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ, ତାଙ୍କୁ ସେ ହିଁ ଦେଇଥିବା ଏକ୍ସଟେନସନକୁ ରଦ୍ଦ କରି ଦେଇଥିଲେ । ଏହି ଦୃଢ଼ ନିଷ୍ପତ୍ତିକୁ ତତ୍କାଳୀନ ବିରୋଧୀ ଦଳ ନେତା ରାଜୀବ ଗାନ୍ଧୀ ମଧ୍ୟ ସମର୍ଥନ କରିଥିଲେ[୭] । ଅପଦସ୍ଥ ସୁଭାଷ କାଶ୍ୟପ ନବମ ଲୋକସଭାକୁ ଅନ୍ଧକାରମୟ ଯୁଗର ଉପମା ଦେବା ଓ ଏହାର ସ୍ୱଳ୍ପ ଅବଧି ପାଇଁ ଆନନ୍ଦିତ ହେବାରେ ଅସ୍ୱାଭାବିକତା କିଛି ନାହିଁ । ନବମ ଲୋକସଭାରେ କେଉଁ କେଉଁ ପ୍ରକାରର ବୈପ୍ଲବିକ ନିଷ୍ପତ୍ତି ହୋଇଥିଲା ତାହାକୁ ନିରପେକ୍ଷତାର ସହିତ ବିଚାର କରିପାରୁ ନଥିବା ବ୍ୟକ୍ତିର ପରାମର୍ଶ କେତେ ଯୁକ୍ତି ଆଧାରିତ ହୋଇଥିବ, ତାହା ଅନୁମେୟ ।

*ଉପସଂହାର*

କହିବା ବାହୁଲ୍ୟ ଯେ ସର୍ବୋଚ୍ଚନ୍ୟାୟାଳୟର ମୁଖ୍ୟବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ ହେବାର ଅଭୂତପୂର୍ବ ଉଦ୍ୟମ ବେଶ ବିତର୍କିତ ହୋଇଛି । ମାନ୍ୟବର ରାଜ୍ୟସଭା ଅଧ୍ୟକ୍ଷ ଏହାକୁ ଅଗ୍ରାହ୍ୟ କରିବା ନିଶ୍ଚିତ ବେଆଇନ ନୁହେଁ , ଯେପରି ଭି. ରାମାସ୍ୱାମୀଙ୍କ ବିରୋଧରେ ଲୋକସଭା ବାଚସ୍ପତି ରବି ରାୟ ମହାଭିଯୋଗ ପ୍ରସ୍ତାବକୁ ଗ୍ରହଣ କରିନେବା ବେଆଇନ ନଥିଲା । ବାଚସ୍ପତି ବା ରାଜ୍ୟସଭା ଅଧ୍ୟକ୍ଷ କୌଣସି ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବକୁ ଗ୍ରହଣ କଲା ପରେ ନିଯୁକ୍ତ ତଦନ୍ତ କମିଟି ଦ୍ୱାରା ଅଭିଯୋଗଗୁଡ଼ିକ ଯେ ଖାରିଜ ହୋଇ ବିଚାରପତି ମହୋଦୟଙ୍କୁ ମହାଭିଯୋଗରୁ ମୁକ୍ତ କରା ନ ଯିବ, ଏପରି ନୁହେଁ । ଅଭିଯୋଗ ଗୁଡିକରେ ଯଦି ଦମ୍ ନ ଥିବ ତାହା ବିଚାରପତି ଓ ଅଭିଜ୍ଞ ବିଧିବେତ୍ତାଙ୍କ ଦ୍ୱାରା ତଦନ୍ତ କମିଟି ନିଶ୍ଚିତ ଜାଣିପାରିବେ । ଏହା ହୋଇଛି ମଧ୍ୟପ୍ରଦେଶ ଉଚ୍ଚନ୍ୟାୟାଳୟର ବିଚାରପତି ମାନ୍ୟବର ଏସ୍ କେ ଗାଂଗେଲେଙ୍କ କ୍ଷେତ୍ରରେ । ଏହି ବିଚାରପତିଙ୍କ ବିରୋଧରେ ରାଜ୍ୟସଭାର ୫୮ଜଣ ସଭ୍ୟଙ୍କ ସ୍ୱାକ୍ଷରିତ ମହାଭିଯୋଗ ପ୍ରସ୍ତାବକୁ ଗ୍ରହଣ କରି ରାଜ୍ୟସଭା ଅଧ୍ୟକ୍ଷ ହମିଦ ଅନ୍ସାରୀ ଏକ ତଦନ୍ତ କମିଟି ଗଠନ କରିଥିଲେ ଯାହାର ସଭ୍ୟ ଥିଲେ ସୁପ୍ରିମକୋର୍ଟର ବିଚାରପତି ଶ୍ରୀମତୀ ଆର୍ ଭାନୁମତି, କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି ଶ୍ରୀମତୀ ମଂଜୁଳା ଚେଲୁର ତଥା ବରିଷ୍ଠ ଅଧିବକ୍ତା ଶ୍ରୀ କେ କେ ବେଣୁଗୋପାଳ । ଏହି କମିଟି ମାନ୍ୟବର ଏସ୍ କେ ଗାଂଗେଲେଙ୍କ ବିରୋଧରେ ହୋଇଥିବା ଅଭିଯୋଗର କୌଣସି ପ୍ରମାଣ ପାଇଲେ ନାହିଁ ଓ ବିଚାରପତି ମହୋଦୟଙ୍କୁ ଦୋଷମୁକ୍ତ ବୋଲି ଘୋଷଣା କଲେ[୮] ।

**ବ୍ୟବହୃତ ଉପାଦାନ ସୂଚୀ**

୧.Let the nation decide on CJI's impeachment: SupremeCourt judges in press conference http://www.wionews.com/india-news/after-supreme-court-judges-speak-out-pm-modi-meets-la.

୨.Vice President Venkaiah Naidu Consults Legal Luminaries On Opposition Motion To Remove CJI Dipak Misra; Legal Experts Slam Congress' Move ,http://www.republicworld.com/india-news/general-news/vice-president-venkaiah-naidu-consults-legal-luminaries-on-opposition-motion-t

୩.Odisha lawyers strike work over impeachment move against CJI - Times of India https://timesofindia.indiatimes.com/india/odisha-lawyers-strike-work-over-impeachment-move-...

1 of 1 4/27/2018 11:49 AM

୪.M. Krishna Swami vs Union Of India & Ors on 27 August, 1992, para 32,para 5, p.4/41

୫.Kapil Sibal slams Venkaiah Naidu's rejection of impeachment motion against CJI Dipak Misra, ca... https://www.firstpost.com/politics/kapil-sibal-slam s-venkaiah-naidus-rejection-of-impeachmen...1 of 11 5/1/2018 5:01 PM

୬.Congress to challenge rejection of impeachment notice against CJI in Supreme Court: Kapil Sibal , http://indianexpress.com/article/india/congress-to-challenge-rejection-of-impeachment-notice-against-cji-dipak-misra-in-supreme-court-kapi

୭.Venkaiah Naidu Rejects Impeachment Motion Against CJI Dipak Misra , https://thewire.in/law/venkaiah-naidu-rejects-impeachment-motion-against-cji-dipak-misra

୮.SC Judge Dipak Misra Impeachment Notice: VP Venkaiah Naidu Rejected the Impeachment Motion https://www.thequint.com/news/india/impeachment-of-supreme-court-judges-cji-dipak-misra12 of 33 5/1/2018 3:18 PM

୯.Congress Filed Impeachment Motion to Intimidate Judiciary, Says Arun Jaitley ,https://thewire.in/politics/impeachment-motion-arun-jaitley

୧୦.What Jaitley said in impeachment of Justice Sen in RS,http://www.rediff.com/news/report/what-jaitley-said-in-impeachment-of-justice-sen-in-rs/20110817.htm

୧୧.CJI Dipak Misra impeachment: Venkaiah Naidu has rightly applied his mind, says Soli Sorabjee)

୧୨.Impeachment notice against CJI Dipak Misra rightly rejected, says Fali S Nariman,http://indianexpress.com/article/india/impeachment-notice-against-cji-dipak-misra-rightly-rejected-says-fali-s-nariman-5148228/

୧୩.http://www.indiancorruptjudges.com/Plot4Plot/008_00.h

୧୪.https://www.facebook.com/notes/arun-jaitley/why-the-malafide-impeachment-motion-was-bound-to-fail/776708759184341/

୧୫.Full text: Venkaiah Naidu rejects impeachment motion against CJI Dipak Misra, says 'Parliamenta... https://www.firstpost.com/india/full-text-venkaiah-naidu-rejects-impeachment-motion-against-cji..

୧୬.ShubhashC.Kashyap,TheTen LokSabhas, ,ShipraPublications,NewDelhi,1992 p..226.

୧୭ Tribute to Rabi Ray - by S.N. Sahu , Mainstream, VOL LV No 12 New Delhi March 11, 2017Mainstream Weekly http://www.mainstreamweekly.net/article7028.html)

୧୮.RS-appointed panel gives clean chit to MP HC judge ,http://www.ptinews.com/news/9323461_RS-appointed-panel-gives-clean-chit-to-MP-HC-judge ; Charges of Sexual Harassment Against MP HC Judge Justice Gangele Not Proved: Concludes R... http://www.livelaw.in/charges-sexual-harassment-mp-hc-judge-justice-gangele-not-proved-conc...6 of 7 5/2/201 .